BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal

BM2024/06-A001
https://bageesha.in
OPEN ACCESS

# ଓଡ଼ିଆ-ଇଂରାଜୀ ସାହିତ୍ୟିକ ଲେଖା ସବୁର ଅନୁବାଦ : ଏକ ପ୍ରାୟୋଗିକ ଭାଷାବିଜ୍ଞାନ ବିଶ୍ଳେଷଣ

■ ଡ. ପ୍ରତାପ କୁମାର ଦାଶ
ସହଯୋଗୀ ପ୍ରାଧ୍ୟାପକ, ଇଂରାଜୀ ବିଭାଗ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗିର

Article Received : 09.12.2024 | Accepted : 25.12.2024 | Published : 10.01.2025

**ସାରାଂଶ**

ABSTRACT

ଓଡ଼ିଶାରେ ଓଡ଼ିଆରୁ ଇଂରାଜୀକୁ ଏବଂ ଇଂରାଜୀରୁ ଓଡ଼ିଆକୁ ଅନୁବାଦ କାର୍ଯ୍ୟ ସମାପନ କରିବା ଏକ ନୂଆ କଥା ନୁହେଁ। ବିଶେଷ କରି ଓଡ଼ିଆ ସାହିତ୍ୟ ଏବଂ ଇଂରାଜୀ ସାହିତ୍ୟର ସାରସ୍ୱତ କୃତି ସମୂହକୁ ଓଡ଼ିଶାର ସାହିତ୍ୟ ଅନୁରାଗୀ ବ୍ୟକ୍ତି ବିଶେଷ ଗତ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନୁବାଦ କରିଆସୁଛନ୍ତି। ଏହା ଉପରେ ଅନେକ ଗବେଷଣା କାର୍ଯ୍ୟ ମଧ୍ୟ ହୋଇଚାଲିଛି। ଏହା ଫଳରେ ଅନୁବାଦ ସହିତ ତୁଳନାତ୍ମକ ସାହିତ୍ୟର ଦିଗ ମଧ୍ୟ ସମ୍ପ୍ରସାରଣ ହେଉଛି। ତେବେ ଏହି ପୃଷ୍ଠଭୂମିରେ ଅନୁବାଦର ଯଥାର୍ଥତା, ପ୍ରାସଙ୍ଗିକତା, ଉପଯୋଗିତା ଏବଂ ପ୍ରାସଙ୍ଗିକତାର ଅବମୂଲ୍ୟାୟନ କରିବା ହିଁ ଏହି ଲେଖାଟିର ମୂଳ ଉଦ୍ଦେଶ୍ୟ। ଆମେ ନୀତିଗତ ଭାବେ କିମ୍ବା ଆଗ୍ରହ ଯୋଗୁଁ ଅନୁବାଦ କରୁନା ପ୍ରକୃତରେ ସେହି ନିର୍ଦ୍ଦିଷ୍ଟ ଲେଖାଗୁଡ଼ିକର ଆନ୍ତର୍ଜାତୀୟ ସ୍ତରରେ ପାଠକୀୟ ଚାହିଦା ରହିବା ପାଇଁ ଅନୁବାଦ କରିବା ନିହାତି ଦରକାର। ଯଦି ଆମେ ଇଂରାଜୀରୁ ଓଡ଼ିଆ ଏବଂ ଓଡ଼ିଆରୁ ଇଂରାଜୀକୁ ଅନୁବାଦ କରୁ ତେବେ କେବେବି ଏହି ଅନୁବାଦ ହୋଇଥିବା ପୁସ୍ତକଗୁଡ଼ିକର ପାଠକୀୟ ପ୍ରତିକ୍ରିୟାର ମୂଲ୍ୟାୟନ କରିଛେ କି? ଅନୁବାଦ କରୁଥିବା ବ୍ୟକ୍ତିମାନଙ୍କର ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଅନୁବାଦ କଳାର ଯେଉଁ କୌଶଳ ବା କାର୍ଯ୍ୟଦକ୍ଷତା ଅଛି କି? ଏଥି ସହିତ ଉଭୟ ଭାଷା ଓ ସାହିତ୍ୟର ଅନୁବାଦ ନହୋଇପାରୁଥିବା ଉପାଦାନ, ଭାଷାର ଶୈଳୀଗତ ସ୍ୱାତନ୍ତ୍ର୍ୟ ଏବଂ ସୃଜନଶୀଳତାକୁ ଉଚିତ ଭାବେ ଅନୁବାଦରେ ଧ୍ୟାନ ଦେଇପାରୁଛେ କି?

BM2024/06-A001

ମୂଳଶବ୍ଦ: ଓଡ଼ିଆ ସାହିତ୍ୟ, ଇଂରାଜୀ ସାହିତ୍ୟ, ଅନୁବାଦ, ତୁଳନାତ୍ମକ ସାହିତ୍ୟ, ମୂଲ୍ୟାୟନ, ସୃଜନଶୀଳତା

**ଉପକ୍ରମ**: ସାଧାରଣତଃ ଅନୁବାଦ କହିଲେ ଭାଷାନ୍ତରଣ ପ୍ରକ୍ରିୟାକୁ ବୁଝାଇଥାଏ। ସମୟ କ୍ରମେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷା ଓ ସାହିତ୍ୟର ଅନୁରାଗ ରଖିଥିବା ବ୍ୟକ୍ତି ବିଶେଷମାନେ ଓଡ଼ିଆରୁ ଇଂରାଜୀକୁ ଅନୁବାଦ କରିବା କାର୍ଯ୍ୟକୁ ଚାଲୁରଖିଛନ୍ତି। ସମାନ୍ତରାଳ ଭାବେ ଇଂରାଜୀରୁ ଓଡ଼ିଆକୁ ମଧ୍ୟ ଅନୁବାଦ ଜାରି ରହିଛି। ଗୁରୁପ୍ରସାଦ ମହାନ୍ତିଙ୍କ "କାଳପୁରୁଷ" ହେଉ କିମ୍ବା ଗୋପୀନାଥ ମହାନ୍ତିଙ୍କ "ପରଜା" ସବୁ ଗୋଟିଏ ଗୋଟିଏ ସମସାମୟିକ ଓଡ଼ିଆ - ଇଂରାଜୀ ଅନୁବାଦର ମାଇଲ୍ ଖୁଣ୍ଟ ହୋଇରହିଛି। ସାହିତ୍ୟ ଅନୁରାଗୀମାନେ ଅନୁବାଦକୁ ନେଇ ବଡ଼ ବଡ଼ ପରିଯୋଜନାରେ ସାମିଲ ହୋଇ ଓଡ଼ିଆ ସାରସ୍ୱତ ସାହିତ୍ୟିକମାନଙ୍କ ଲେଖାଗୁଡ଼ିକ ହେଉ କିମ୍ବା ଜଣାଶୁଣା ପୁରସ୍କାର ପ୍ରାପ୍ତ ସାହିତ୍ୟିକମାନଙ୍କ ଲେଖାଗୁଡ଼ିକୁ ଅନୁବାଦ କରିଚାଲିଛନ୍ତି। ବର୍ତ୍ତମାନ ଏହା ଏକ ଅନୁବାଦ ଶିଳ୍ପରେ ପରିଣତ ହୋଇସାରିଛି। ତେବେ ମୂଳତଃ ଯେକୌଣସି ଭାଷା କହିବାର ଅର୍ଥ ହେଉଛି ସେହି ଭାଷାରେ ଥିବା ଅନ୍ତର୍ନିହିତ ଲକ୍ଷଣ ସବୁ, ଯଥା - ଭାଷାର ଧ୍ୱନି, ଶବ୍ଦକୋଷ, ଶବ୍ଦ-ଅର୍ଥ, ବାକ୍ୟ ସଂରଚନାର ଶୈଳୀ ସବୁ ପ୍ରଚଳିତ ସଂସ୍କୃତିର ପ୍ରଭାବ, କଥିତ ଭାଷା, ବୃତ୍ତି ସମ୍ପର୍କିତ ଭାଷା, ଢଗଢ଼ମାଳି, ଆଞ୍ଚଳିକତାର ପ୍ରଭାବ ଓ ଭାଷାର ଆଳଙ୍କାରିକ ସମ୍ଭାର। ଭାଷାର ପ୍ରାଚୀନ ଶବ୍ଦ ରାଶି ଓ ପରିପ୍ରକାଶ ଶୈଳୀ ଏବଂ ଅର୍ବାଚୀନ ଶୈଳୀ ମଧ୍ୟ ସବୁ ବିଚାରକୁ ନିଆଯାଇପାରେ। ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଓଡ଼ିଆ ଗୋଟିଏ ଭାରତୀୟ ଭାଷା ଯାହାକି ସଂସ୍କୃତ, ଉଡ୍ର, ପ୍ରାକୃତ, ପର୍ସିଆନ ଏବଂ ଆରବିକ ଭାଷାଗୁଡ଼ିକର ସମାହାରରେ ସୃଷ୍ଟ ବୋଲି କୁହାଯାଏ। ଏଥି ସହିତ ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକ ଯଥା - ସାନ୍ତାଳୀ, ଓରାଂଓ, କୁଇ, ମୁଣ୍ଡା, ସଉରା ଭଳି ଭାଷା ବହୁଦିନରୁ ବ୍ୟବହୃତ ହୋଇଆସୁଛି। ତେଣୁ ଓଡ଼ିଆ ଭାଷାରେ ଏହି ଭାଷାଗୁଡ଼ିକର ପ୍ରଭାବ ମଧ୍ୟ ପରିଲକ୍ଷିତ ହୁଏ।

ସେହିପରି ଇଂରାଜୀ ଭାଷା ମୂଳତଃ ଇଂରେଜମାନଙ୍କ ଭାଷା ଅଟେ, ଯାହାକି ପଶ୍ଚିମ ଜର୍ମାନୀରୁ ସୃଷ୍ଟ ବୋଲି କୁହାଯାଏ। ଏହା ସହିତ ଆଂଗ୍ଲୋସାକ୍ସନମାନଙ୍କ ଦ୍ୱାରା କଥିତ ଏହି ଭାଷା କ୍ରମନ୍ୱେଷରେ ମିଳିତ ଗଣରାଜ୍ୟର ଭାଷା ହିସାବରେ ବିଦିତ। ଦେଖାଯାଏ ଯେ ଇଂରାଜୀ ଭାଷାରେ ଲାଟିନ୍, ଗ୍ରୀକ୍, ଫରାସୀ ଏବଂ ଅନ୍ୟାନ୍ୟ ଇରୋପୀୟ ଭାଷାମାନଙ୍କର ପ୍ରଭାବ ସ୍ପଷ୍ଟ। ଇଂରାଜୀ ଭାଷା ଅନ୍ୟ ଯେକୌଣସି ଭାଷାଗୁଡ଼ିକ ଭଳି ସେମାନଙ୍କର ସାଂସ୍କୃତିକ ପ୍ରଭାବ ଏବଂ ଆଞ୍ଚଳିକତାର ପ୍ରଭାବ ଦେଖାଯାଏ, ଯେପରିକି ସ୍କଟଲ୍ୟାଣ୍ଡ, ଆୟାରଲ୍ୟାଣ୍ଡ ଏବଂ ୱେଲସ୍।

**<u>ଅନୁବାଦର ଉଦ୍ଦେଶ୍ୟ</u>**: ତେବେ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷା ବିଷୟରେ ଚିନ୍ତା କଲେ କେତେଗୁଡ଼ିଏ ଐତିହାସିକ ଏବଂ ଭାଷାତାତ୍ତ୍ୱିକ ବ୍ୟବସ୍ଥାକୁ ବିଚାରକୁ ନିଆଯାଇପାରେ। ପ୍ରଥମତଃ ଇଂରେଜମାନେ ଆମ ଦେଶକୁ ଉପନିବେଶ ଭାବେ ଦୀର୍ଘଦିନ ଧରି ଶାସନ କରିବା ପରିପ୍ରେକ୍ଷୀରେ ଆମକୁ ଇଂରାଜୀ ଭାଷା ଓ ସାହିତ୍ୟ ସହ ପରିଚିତ କରାଇଛନ୍ତି। ପୁଣି ବିଜ୍ଞାନ, ଦର୍ଶନ, ରାଜନୀତି, ଭଳି ବିଭିନ୍ନ ବିଷୟଠାରୁ ଆରମ୍ଭ କରି ଦୈନନ୍ଦିନ ଜୀବନରେ ଇଂରାଜୀ ଶବ୍ଦମାନଙ୍କର ଓଡ଼ିଆ ଭାଷାରେ ଗ୍ରହଣୀୟତା ମଧ୍ୟ ଏକ ଶୁଭ ସୂଚନା ଅଟେ। କହିବା ବାହୁଲ୍ୟ ଯେ ଆମେ ସମସ୍ତେ ଇଂରେଜୀ ଭାଷାକୁ ଏକ ଯୋଡ଼ି ହେଉଥିବା ଭାଷା ହିସାବରେ ଗ୍ରହଣ କରାଯାଇସାରିଛି। ଇଂରାଜୀ ଭାଷାର ଆନ୍ତର୍ଜାତୀୟ ସ୍ତରରେ ବ୍ୟବହାର ଓ ପ୍ରାଧାନ୍ୟତାକୁ ଦେଖି ମୁଖ୍ୟତଃ ଆମର ଲେଖକ, ଲେଖିକା ଓ ଅନୁବାଦକମାନେ ଓଡ଼ିଆ ସାହିତ୍ୟିକ ଲେଖା ସବୁକୁ ଇଂରାଜୀରେ ଅନୁବାଦ ପାଇଁ ଆଗଭର ହୋଇଅଛନ୍ତି।

**<u>ଅନୁବାଦକର ଦାୟିତ୍ୱ</u>**: ଓଡିଆ–ଇଂରାଜୀ ଏବଂ ଇଂରାଜୀ-ଓଡିଆ ଅନୁବାଦ କାର୍ଯ୍ୟକୁ ହାତକୁ ନେବା ପାଇଁ କେତୋଟି ବିଷୟକୁ ଧ୍ୟାନ ଦେବା ଅତ୍ୟନ୍ତ ବିଧେୟ, କାରଣ କେବଳ କାହାର ଅନୁରୋଧ ରକ୍ଷା କରି, ନିଜର ଅନୁବାଦରେ ଆଗ୍ରହ ଥିବା ଦର୍ଶାଇ କିମ୍ବା କେଉଁ ଏକ ପରିଯୋଜନାର କାର୍ଯ୍ୟ ହିସାବରେ ଅନୁବାଦ କରିବା ଏକ କଳାକୌଶଳର ପରିମାପକ ନୁହେଁ। ବରଂ ଆମ୍ଭେ ପ୍ରଥମତଃ ବହିଟିର ଭାଷା ଓ ସାହିତ୍ୟର ବାସ୍ତବ ଲକ୍ଷଣ ସବୁ ଯଥା ସୃଜନଶୀଳତା, ବିଷୟବସ୍ତୁର ମୌଳିକତା ଏବଂ ସାର୍ବଜନୀନ ଦିଗସବୁକୁ ନଜର ଦେବା ଦରକାର। ଯେହେତୁ ମୌଳିକ ବିଷୟବସ୍ତୁ ସବୁ ସମାଜ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ, ଅନୁବାଦକ ନିଶ୍ଚିତ ହେବା ଦରକାର ଯେ ମୂଳ ଲେଖାର ମୌଳିକ ବିଷୟବସ୍ତୁ ଏବଂ ଭାଷାର ଲାଳିତ୍ୟ ଇଂରାଜୀରେ ଅନୁବାଦ ହେଲାପରେ ମଧ୍ୟ ଅନୁଭବ କରିହେବ। ଏହାର କାରଣ ହେଲା ଯେ ଓଡ଼ିଆ ସାହିତ୍ୟିକମାନଙ୍କର ସୃଷ୍ଟି ଗୁଡ଼ିକ ବିଭିନ୍ନ ସ୍ଥାନର ବିଭିନ୍ନ ସମୟର ବିଭିନ୍ନ ସଂସ୍କୃତିର, ବିଭିନ୍ନ ଶୈଳୀର ଏବଂ ବିଭିନ୍ନ ଚିନ୍ତାଧାରାର ପରିପ୍ରକାଶ କରିଥାନ୍ତି। ଅନୁବାଦ ହେଲା ପରେ ଇଂରାଜୀରେ ସେସବୁ ମୌଳିକ ଅବଧାରଣଗୁଡ଼ିକ ପାଠକୀୟ ଅନୁଭୂତିରେ ପରିଣତ ହେଇପାରୁଛି କି ନାହିଁ? ଏହି ଦିଗରେ ଆମେ ଅନେକ ଉଦାହରଣ ନେଇପାରିବା। ଯେପରିକି ଫକୀରମୋହନ ସେନାପତିଙ୍କ 'ଛମାଣ ଆଠ ଗୁଣ୍ଠ' ରେ ଥିବା ଅନ୍ତର୍ନିହିତ ସାଂସ୍କୃତିକ ଓ ସାମାଜିକ ବ୍ୟବସ୍ଥା, ଚରିତ୍ର ଚିତ୍ରଣ, ଭାଷା ଓ ସାହିତ୍ୟ ସଂପର୍କିତ ଲାଳିତ୍ୟ ବର୍ଣ୍ଣନା ଏବଂ ଉପସ୍ଥାପନା ଶୈଳୀ ସବୁ ଇଂରାଜୀ ଅନୁବାଦ ହୋଇଥିବା ଏହାର ସଂସ୍କରଣଗୁଡ଼ିକରେ ସଠିକ୍ ଭାବେ ପରିଲକ୍ଷିତ ହୁଏ କି? ଆଉ ସେତିକି ନୁହେଁ ଭୀମ ଭୋଇଙ୍କ କୃତି ଠାରୁ ଆରମ୍ଭ କରି ମନୋରଞ୍ଜନ ଦାସ ଏବଂ ହରିହର ମିଶ୍ରଙ୍କ ନାଟକ ସବୁ, ସୁରେନ୍ଦ୍ର ମହାନ୍ତି ଓ ସଚ୍ଚିଦାନନ୍ଦ ରାଉତରାୟଙ୍କ ସମସାମୟିକ ବଳିଷ୍ଠ ଓଡ଼ିଆ ସାଂସ୍କୃତିକ ପୃଷ୍ଠଭୂମି ଉପରେ ପର୍ଯ୍ୟବେଶିତ ଗଳ୍ପ ସବୁ ମଧ୍ୟ ଅନୁବାଦ ହୋଇଛି। ତେବେ ଏ ସବୁରେ ବିଷୟ ବସ୍ତୁ ସହିତ ଭାଷା, ସଂସ୍କୃତି, ସଂଭାଷଣ ତଥା ପରିଭାଷିକ ଅବୟବ ସବୁ ସଠିକ୍ ଭାବେ ଇଂରାଜୀ ଭାଷାରେ ପ୍ରତିଫଳିତ ହୋଇପାରିଛି ତ?

ବର୍ତ୍ତମାନ ଆମେ ସାହିତ୍ୟର କୃତି ସବୁର କେତୋଟି ମୂଳ ଭିତ୍ତିଭୂମି ଉପରେ ନଜର ଦେବା। ବାସ୍ତବରେ ପ୍ରତି ଉଚ୍ଚକୋଟିର ସାହିତ୍ୟ କୃତିରେ ଭାଷା ପ୍ରବାହ ଏବଂ ଅଳଙ୍କରଣ ସ୍ୱତଃସ୍ଫୁର୍ତ୍ତ ଥାଏ। ସେ "ମନବୋଧ ଚଉତିଶା" ହେଉ କିମ୍ବା "ତପସ୍ୱିନୀ" ହେଉ, ଭାଷାର ଲାଳିତ୍ୟ ସହ, ଶବ୍ଦ ସଂଯୋଜନା, ସ୍ୱର ସଂଯୋଜନା ଏବଂ ତତ୍ ସଂଲଗ୍ନ ଅର୍ଥ ହିଁ ଆମକୁ ପାଠକୀୟ ଲୋକାତ୍ତର ଆହ୍ଲାଦ ଦେଇଥାଏ। ଇଂରାଜୀ ଅନୁବାଦ କରିବା ଦ୍ୱାରା ଏହି ସ୍ୱତଃସ୍ଫୁର୍ତ୍ତ ପରିଭାଷା, ଅଳଙ୍କରଣ, ସାଙ୍ଗିତିକତା ଏବଂ ଶବ୍ଦ-ଭାବ ସମ୍ପର୍କ ସବୁର ଅନୁବାଦ ଠିକ୍ ହୋଇଥାଏ କି? ସେହିଭଳି ଭାବେ ଇଂରାଜୀରୁ ଓଡ଼ିଆକୁ ଅନୁବାଦ ହୋଇଥିବା ସାହିତ୍ୟିକ ଲେଖାଗୁଡ଼ିକ ଏହି ଧର୍ମ ପାଳନ କରିପାରୁଛନ୍ତି କି? ତେବେ ଏଠି ଦୁଇଟି ପ୍ରଶ୍ନ ମନକୁ ଆସେ। ପ୍ରଥମତଃ "ଅ - ଅନୁବାଦ" ବିଶେଷତ୍ୱ ଧାରଣ କରୁଥିବା ଭାଷାଗତ ସ୍ୱାତନ୍ତ୍ର୍ୟକୁ କେହି ଅନୁବାଦ କରିପାରିବେ ନାହିଁ। ସେଦୃଷ୍ଟିରୁ ଓଡ଼ିଆରୁ ଇଂରାଜୀ ଏବଂ ଇଂରାଜୀରୁ ଓଡ଼ିଆ ଅନୁବାଦରେ କିଛି ଭାଷା ଓ ସାଂସ୍କୃତିକ ଉପାଦାନ ଅନୁବାଦରୁ ବାଦ୍ ପଡ଼ିଥାଏ। ସେହିପରି ଭାବରେ ଅନୁବାଦକର ଅନୁବାଦ ହୋଇଥିବା ପୁସ୍ତକର କଳେବର ପରିଯୋଜନାରେ ମଧ୍ୟ ଆଉ କିଛି ମୂଳ ଉତ୍ସ ଉପାଦାନ ବାଦପଡ଼ିଯାଏ। ପରବର୍ତ୍ତୀ ସ୍ତରରେ ଆମେ ଅନୁବାଦକର ଉଭୟ ଭାଷା, ସଂସ୍କୃତି ଏବଂ ଭାଷାବିଜ୍ଞାନରେ ରହିଥିବା ଦକ୍ଷତା ଅନୁବାଦ କରିବାର ନିଷ୍ଠା ଏବଂ ହାତକୁ ନେଇଥିବା ସାହିତ୍ୟିକ ଲେଖାଟିର ସାହିତ୍ୟିକ ଶୈଳୀ ସବୁ ମୂଳତଃ ଅନୁବାଦର ମାନଦଣ୍ଡ ହୋଇରହିଯାଏ।

ଏଠାରେ କିଛି ଉଦାହରଣ ନିଆଯାଇପାରେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ "ତପସ୍ୱିନୀ"ର ପ୍ରଥମ ପଦ: "କିଏ ଗୋ ତୁ ଜ୍ୟୋତିର୍ମୟୀ ଶୁଦ୍ଧ-ଶୁଭ୍ର-ବେଶା/ ଇନ୍ଦ୍ର-ଦ୍ୟୁତି-ଜିତ-ମନୋହର- କେଶା?/ ତନୁକାନ୍ତି ଭେଦି ତୋର ଶୁଭ୍ର-ସୂକ୍ଷ୍ମବାସ/ ଆହ୍ଲାଦ ହେଉଛି ହୃଦେ ହେଇ ସୁପ୍ରକାଶ।"

ଇଂରାଜୀକୁ ଅନୁବାଦ କରିଥିବା ଅନୁବାଦକମାନେ କବି ବ୍ୟବହାର କରିଥିବା"---"କୁ ବିଚାରକୁ ନେଇଛନ୍ତି କି ନାହିଁ; ଦ୍ୱିତୀୟ ଧାଡ଼ିରେ ଥିବା "?" ଅନୁବାଦରେ ସ୍ଥାନିତ କି ନାହିଁ? ଏବଂ ଶେଷରେ ଥିବା ଯତିପାତ ଇଂରାଜୀରେ ଯତିପାତର ସମ୍ଭାବନା ଅଛି ନା ନାହିଁ ? ତା' ନହେଲେ ଏ ପଦର ଲାଳିତ୍ୟ ଭାଙ୍ଗିଯିବ।

ଏହି ପରିପ୍ରେକ୍ଷୀରେ ଉତ୍ତର ଆଧୁନିକ ସମୟରେ ଲିଖିତ କବି ଶତ୍ରୁଘ୍ନ ପାଣ୍ଡବଙ୍କ "ପାଣି" କବିତାର କିୟଦଂଶ ଏଠାରେ ବିଚାରକୁ ନିଆଯାଇପାରେ।

"ବୋଉର ଶ୍ରାଦ୍ଧ ବେଳେ ଗାଁର ସେ ଅସନା ପୋଖରୀର/ ଆଣ୍ଠୁଏ ପାଣିରେ ଜଳୁଥିବା ଗ୍ରେତହାଣ୍ଡିକୁ ପିଟି/ ମୁଁ କଷ୍ଟେମଷ୍ଟେ ମୁଣ୍ଡ ବୁଡ଼ାଇଲି/ ତା'ର ଅଛଧରି ବାହାରିଛି ଯେ/ ତାକୁ କେଉଁଠି ବିସର୍ଜନ କରିବି କହ/ କେଉଁ ପବିତ୍ର ନଈରେ/ କେଉଁ ଗଙ୍ଗା ସରଜୁର ଶୁଦ୍ଧ ଧାରରେ?/ ସେଠି ଦିଶେ ଶୀର୍ଣ୍ଣନଈର କଙ୍କାଳ/ ଆଉ ନଈସାରା ଆବର୍ଜନାର ନୀଳ/ କାହିଁ ପାଣି?"

ଏହି କବିତାଟି ଗଦ୍ୟଶୈଳୀରେ ଲିଖିତ। ଏଥିରେ ଥିବା ସଂସ୍କୃତି ଏବଂ ପରମ୍ପରାର କଥା ବସ୍ତୁତଃ ଓଡ଼ିଆ ବା ହିନ୍ଦୁଧର୍ମ ପ୍ରଥା ଅନୁସାରେ ଘଟିଛି। ତେବେ ଏଥିରେ ଏକ କାବ୍ୟିକ ଚେତନା ପରିସ୍ଫୁଟିତ ହେବା ସହ କେତେଗୁଡ଼ିଏ ପରମ୍ପରାଗତ କାର୍ଯ୍ୟର ଅବଧାରଣ ଦିଆଯାଇଛି। ଅନୁବାଦ କଲାବେଳେ ଏସବୁ ଦିଗଗୁଡ଼ିକ କଷ୍ଟକର ଅଟେ ।

ସାହିତ୍ୟିକର ଭାଷା ଏବଂ ଅନ୍ୟ ଆନୁସଙ୍ଗିକ ଜ୍ଞାନ: ଗଦ୍ୟ ହେଉ ଅଥବା ପଦ୍ୟ ହେଉ, ସାହିତ୍ୟିକ ଲେଖାଗୁଡ଼ିକର ଥିବା ଧ୍ୱନି - ଅର୍ଥ ଏବଂ ଶବ୍ଦ - ଅର୍ଥ ସବୁ ଅତ୍ୟନ୍ତ ଉପାଦେୟ। ତତ୍‌ସଙ୍ଗେ ବ୍ୟବହୃତ କ୍ରିୟାପଦ ଏବଂ ବିଶେଷଣଗୁଡ଼ିକର ନିର୍ଦ୍ଦିଷ୍ଟ ବିଷୟ ସମ୍ପର୍କିତ ବ୍ୟବହାର ହୋଇଥାଏ। ସେଗୁଡ଼ିକର ଅନୁବାଦ ମଧ କଷ୍ଟକର ହୋଇଥାଏ। ଏତଦ୍ -ବ୍ୟତୀତ ଓଡ଼ିଆରେ ଥିବା ବିଶେଷ୍ୟ ପଦଗୁଡ଼ିକ ଯାହାକି ବିଭିନ୍ନ ଫୁଲଫଳ, ଗଛଲତା, ପୂଜାପର୍ବାଣି, ଐତିହ ଏବଂ ପରମ୍ପରା, ଆଧ୍ୟାତ୍ମିକ ବ୍ୟବସ୍ଥା, ଖାଦ୍ୟବସ୍ତ୍ର ଏବଂ ଜୀବନ ଶୈଳୀ ସମ୍ପର୍କିତ ବିଶେଷ୍ୟ ପଦସବୁର ସମାନ ଇଂରାଜୀ ଶବ୍ଦ ନିଆଯାଇପାରେ। ଇଂରାଜୀରୁ ଓଡ଼ିଆକୁ ଅନୁବାଦ କରିବାବେଳେ ଠିକ୍ ସେଇ ସମସ୍ୟା ମଧ ହୋଇଥାଏ। ଏଥି ପାଇଁ ସମାନ୍ତରାଳ ଆଭିଧାନିକ ଶବ୍ଦ ଖୋଜିବାକୁ ପଡ଼େ କିମ୍ବା ସେଇ ଶବ୍ଦଗୁଡ଼ିକୁ ସେହିପରି ଲେଖି ଦିଆଯାଏ।

ଠିକ୍ ସେହିପରି ଭାବେ ବାକ୍ୟ ସଂରଚନା କେବେଳ ସରଳ, ଜଟିଳ କିମ୍ବା ଯୌଗିକ ବାକ୍ୟ ଭିତରେ ସୀମିତ ନ ଥାଏ। ଲେଖାଗୁଡ଼ିକରେ ଖଣ୍ଡବାକ୍ୟ ବା ଅସଂପୂର୍ଣ୍ଣ ବାକ୍ୟ ରହିଥାଏପାରେ, ଲଗାତର ଭାବେ କୌଣସି ବିରାମ ଚିହ୍ନ ନଥାଇ ବାକ୍ୟ ଥାଇପାରେ। ବାକ୍ୟର ସଂରଚନାରେ କର୍ତ୍ତା, କ୍ରିୟା, କର୍ମ ପ୍ରଭୃତିର ଅସାଧାରଣ ଭାବେ ବ୍ୟବହାର ହେଇଥାଇପାରେ। ବିରାମ ଚିହ୍ନର ବହୁଳ ବ୍ୟବହାର ହୋଇଥାଇପାରେ। କେତେଗୁଡ଼ିଏ ଶବ୍ଦ ବା ବାକ୍ୟ ବାରମ୍ବାର ବ୍ୟବହାର ହୋଇଥାଇପାରେ। ଜଟିଳ ବାକ୍ୟଗୁଡ଼ିକୁ କାଟି ଛୋଟ କରିଦିଆଯାଇପାରେ। ତେବେ ଏ ସବୁକୁ ବିଚାରକୁ ନେଇ ବାଚ୍ୟାର୍ଥ ଓ ଲକ୍ଷ୍ୟାର୍ଥ ହିସାବରେ ମୂଳ ଭାଷା ଠାରୁ ଲକ୍ଷ୍ୟ ଭାଷାରେ ଅନୁବାଦ ଏକ ଜଟିଳ ବ୍ୟାପର ହୋଇପାରେ। ନିମ୍ନରେ ଏକ ଉଦାହରଣ ଦେଖାଯାଉ।

"ପୋଡ଼ା ବସନ୍ତ ଶାସନର ଜଗୁ ତିଆଡ଼ିଏ କୀର୍ତ୍ତନ କରନ୍ତି, ମୃଦଙ୍ଗ ବଜାନ୍ତି, ଗଞ୍ଜେଇ ଟାଣନ୍ତି ଏବଂ ଶବ ମଧ ପୋଡ଼ନ୍ତି। ସତରେ ଶବ ପୋଡ଼ିବାର କୌଶଳରେ ସେ ତାଙ୍କ ଅଞ୍ଚଳରେ ବିଦିତ। ଯଦି ଗୋଟେ ଶବ ପୋଡ଼େନି କିମ୍ବା ଶବର ଗୋଡ଼ଟା ସିଧା ଉପରକୁ ଉଠିଯାଏ କିମ୍ବା ଅନ୍ତଃବୁକୁଳାରୁ ପାଣି ବାହାରିଆସି ନିଆଁ ଲିଭିଯାଏ, ମାଲ ଭାଇମାନେ ଜଗୁ ତିଆଡ଼ିଙ୍କ ସାହାଯ୍ୟ ଲୋଡ଼ନ୍ତି। ଗଞ୍ଜେଇ ନିଶାରେ ମସଗୁଲ୍, ଜଗୁ ତିଆଡ଼ି ମଶାଣିରୁ ଆଡ଼ଆ ହୋଇ ଘୁମାଉଥାନ୍ତି। କିନ୍ତୁ ମାଲମାନଙ୍କ କଥା ଶୁଣିବା ମାତ୍ରେ ସତେଜ ହୋଇ ଉଠି ବସନ୍ତି। ତିନି ଫୁଟ ଲମ୍ବା ବାଉଁଶ ଗୋଜଟାଏ ଧରି ସେ ଚିହିଁକି ଉଠି ଶବକୁ ବାରମ୍ବାର କେଂଚି ପକାନ୍ତି ।"( "ମଶାଣିର ଫୁଲ" - ସଚ୍ଚି ରାଉତରାୟ )

ଉକ୍ତ ଲେଖାଟିର ଯେଉଁ ମୌଳିକତା ଅଛି, ତାହା ଇଂରାଜୀକୁ ଅନୁବାଦ କରିବା ବେଳେ ନିଶ୍ଚୟ କିଛି ଭାଷା ପରିବର୍ତ୍ତନ ଜନିତ ବାଧା ସୃଷ୍ଟି କରିଥିବ। ଏଥିରେ ଥିବା ଶବ୍ଦ ଯଥା କୀର୍ତ୍ତନ, ମାଲଭାଇ, ଅନ୍ତଃବୁକୁଳାରୁ ପାଣି ବାହାରିଆସିବା, କେଂଚି ପକାଇବା ଇତ୍ୟାଦି ଅନୁବାଦରେ ବୁଝେଇ ଟିକେ କଷ୍ଟକର ବ୍ୟାପାର।

ଲେଖାମାନଙ୍କରେ ବ୍ୟବହୃତ କ୍ରିୟାତ୍ମକ ଅଥବା ପ୍ରଦର୍ଶନାତ୍ମକ ଶବ୍ଦର ପରିପ୍ରକାଶ, କଥୋପକଥନ ପ୍ରକ୍ରିୟାରେ ଥିବା ଭାଷାତାତ୍ତ୍ୱିକ ବ୍ୟବସ୍ଥାକୁ ସଠିକ୍ ବୁଝିବା ଆବଶ୍ୟକ। ଭାଷାରେ ବ୍ୟବହୃତ ବାସ୍ତବିକ ଅଥବା କାଳ୍ପନିକ ଘଟଣାବଳୀ, ପୂର୍ବ ଧାରଣା ସୃଷ୍ଟି ଏବଂ ନିହିତାର୍ଥ ସବୁକୁ ଠିକ୍ ଭାବେ ବୁଝେଇ ଲେଖିବା ଅନୁବାଦରେ ଏକ କଷ୍ଟକର ବ୍ୟାପାର ଭଳି ପ୍ରତୀୟମାନ ହୁଏ। ଏହି ପରିପ୍ରେକ୍ଷୀରେ ଏକ ଉପନ୍ୟାସର ଉଦ୍ଧୃତାଂଶ ବିଚାରକୁ ନିଆଯାଇପାରେ ।

"ଲୋକଟା ସୋମନାଥ କଥାକୁ ଶୁଣିଲା ନାହିଁ। କହି ଚାଲିଲା- ଏ ପଦ ଅବ୍ୟର୍ଥ ଓ ସାତ ପ୍ରକାର ବିଷ, ଦୃଷ୍ଟିବରଣ କରିବ। ସାପହାଣୁ କି ବିଛା ମାରୁ, ବିଲୁଆ କାମୁଡୁ କି ହେଣ୍ଟୁକା ମହୁ ବିନ୍ଧୁ ଟିକିଏ ପାଣିରେ ଘସି ଚନ୍ଦନ ଭଳି ସେ କ୍ଷତ ଚିହ୍ନରେ ଲଗେଇ ଦେବ ! ଅଥବା ପେଟ ଟାଣୁ କି କାମୁଡୁ, ତୁଳସୀ ପତ୍ରରେ ଗୋଟେଇ ଚାମଚରେ ପିଇଦବ। ଭୂତ ଲାଗିଛି, ପ୍ରେତ ଆଖି ପକେଇଛି, ଡାହାଣୀ ଖାଇବାକୁ ମାଗୁଛି, ରକ୍ତ ପିଇଯାଉଛି କି ପିହୁକା ମାରୁଛି ଛୁଆମାନଙ୍କୁ ଏଥିରୁ ଖଣ୍ଡେ ଡେଉଁରିଆରେ ବାନ୍ଧିଦେବ।" ("ପାପ ପରି ନିଜର" - ପଙ୍କଜ ପାଳ ପୃଷ୍ଠା-୩)

ଉପରୋକ୍ତ ଲେଖାଂଶଟିରେ କମା ଦ୍ୱାରା ବିଭାଜିତ ଖଣ୍ଡବାକ୍ୟ ସବୁ ଏକ ବସ୍ତୁର ବିଭିନ୍ନ ଧାରାକୁ ଗୋଟିଏ ପରେ ଗୋଟିଏ ଯୋଡ଼ାଯାଇଛି ଏବଂ ଶବ୍ଦାତ୍ମକ ନିହିତାର୍ଥ ବୋଲି ଧରାଯାଇପାରେ। ଏଥି ସହିତ ଇଂରାଜୀରେ ସବୁ ସ୍ୱତନ୍ତ୍ର ଓଡ଼ିଆ ଶବ୍ଦ ଏବଂ ଅର୍ଥ ସମ୍ପର୍କିତ କରି ଉପସ୍ଥାପନା କରିବା ଜରୁରୀ, ଲେଖାଗୁଡ଼ିକରେ କେବଳ ଯେ ଗୋଟିଏ ସମସାମୟିକ

ଉପସ୍ଥାପନା ନ ହୋଇପାରେ। କାରଣ ଲେଖାରେ ଗୋଟିଏ ବିଷୟବସ୍ତୁ ଅନ୍ୟ ବିଭିନ୍ନ ବିଷୟ ବସ୍ତୁ ସହିତ ବିଭିନ୍ନ ସ୍ତରରେ ସମ୍ପର୍କିତ ଥାନ୍ତି, କାରଣ ଅର୍ଥ କେବଳ ଗୋଟିଏ (ଯଥା -ଆଭିଧାନିକ ) ଅର୍ଥ ଉପରେ ପର୍ଯ୍ୟବେଶିତ ନୁହେଁ। ଏଥିରେ ଇତିହାସ, ଭୂଗୋଳ, ପୁରାଣ କାଳ୍ପନିକ ଅବସ୍ଥା ଏବଂ ବିଜ୍ଞାନ ସହ ସମ୍ପର୍କିତ ଅନ୍ତପାଠ୍ୟତାର ସଂପର୍କ ଥାଏ ।

ବାକ୍ୟମାନଙ୍କରେ ଶବ୍ଦଲୋପ ମଧ୍ୟ ହୋଇପାରେ। ଯେପରିକି, "ମୁଁ ସେଠାକୁ ଯିବାକୁ ଚାହେଁ, ମୋର ସାଙ୍ଗ ମଧ୍ୟ" କିମ୍ବା "ଉଭୟ ମୁଁ ଓ ମୋ ସାଙ୍ଗ ସେଠାକୁ ଯିବାକୁ ଚାହୁଁ।" ବର୍ଣ୍ଣନା ହେଉ ବା ବ୍ୟାପକ କଥନ ହେଉ, ସାହିତ୍ୟିକ ଲେଖାରେ ସେଗୁଡ଼ିକ ପାଇଁ ଶୈଳୀ ବ୍ୟବହୃତ ହୋଇଥାଇପାରେ। ଜଣେ ଶୁଦ୍ଧ ଭାଷା କହିବା ବେଳେ ଆଉ ଜଣେ ମିଶ୍ରିତ ଭାଷା କହୁଥାଇପାରେ। ଜଣେ ଔପଚାରିକ ଭାଷା କହିବା ବେଳେ ଆଉ ଜଣେ ଅଣଔପଚାରିକ ଭାଷା ବା ନୀତିଦିନର କଥିତ ଭାଷା କହୁଥାଉପାରେ। ନାଟକୀୟ ଶୈଳୀ ହେଉ ବା କାବ୍ୟିକ ଶୈଳୀ ହେଉ, ସସ୍ୱର ବା ବାକ୍ୟ କହିବାର ସ୍ୱର ଏବଂ ଭାବଗତ ଉତ୍ଥାନ ଓ ପତନ ହିଁ ବିଷୟବସ୍ତୁର ପ୍ରକୃତ ଅର୍ଥ କରିଥାଏ। ଜଣେ ଅନୁବାଦର ଏସବୁ ବିଷୟରେ ପ୍ରାଞ୍ଜଳ ଅବଧାରଣା ରହିବା ଅପରିହାର୍ଯ୍ୟ। ଖାଲି ସେତିକି ନୁହେଁ, ଲେଖାଗୁଡ଼ିକରେ ଶବ୍ଦ କିମ୍ବା ବାକ୍ୟ ବାରମ୍ବାର ପ୍ରତିଶବ୍ଦ ଅଥବା ପ୍ରତିବାକ୍ୟ ହିସାବରେ ବ୍ୟବହୃତ ହୋଇପାରନ୍ତି, ବାକ୍ୟଗୁଡ଼ିକ କଥିତ ଶୈଳୀରେ ବାକ୍ୟ ମରାମତି, ବାକ୍ୟ ଅନୁକ୍ରମ ମରାମତି (ଯେପରିକି - "ତୁମେ ଗୋଟେ ରାବଣ, ନା ନା, ତୁମେ ଗୋଟେ କୁମ୍ଭକର୍ଣ୍ଣ", "ସେଠାରେ ମୁଁ ତମ ବନ୍ଧୁଙ୍କୁ ଦେଖିଲି, ଉମ୍ ମ୍, ବନ୍ଧୁଙ୍କ ଭଳି କେହି ଜଣେ ବୋଧେ !"

ମୌଖିକ ସଂଚାରି ଭାଷା ବାଦ୍ ଲେଖାଗୁଡ଼ିକରେ ଅନେକ ଅଭିଧାନିକ ଅର୍ଥ ବାହାରେ ଶବ୍ଦ ଓ ଭାବଭଙ୍ଗୀ ପ୍ରକାଶ କଲାଭଳି ଭାଷା ବ୍ୟବହୃତ ହୋଇଥାଏ। ଯେପରିକି "ଏଁ ଶ୍ ଶ୍..... ହଁ...... ହୋ ହୋ .....ହା ହା..... ହିଁ ହିଁ ଇତ୍ୟାଦି। ଏଗୁଡ଼ିକର ଇଂରାଜୀ ଶବ୍ଦ ନାହିଁ। ତେବେ ଲେଖାଗୁଡ଼ିକର ଏହା ଅର୍ଥପୂର୍ଣ୍ଣ। ସେହଭଳି କଥାବସ୍ତୁ ବା ବାର୍ତ୍ତାଳାପ ସବୁକୁ ଆଗକୁ ନେବା ବେଳେ ସଂଯୋଗକାରୀ ଶବ୍ଦ କିମ୍ବା ବାକ୍ୟ-ଖଣ୍ଡମାନଙ୍କର ବ୍ୟବହାର ଜରୁରୀ। ଉଦାହରଣ ସ୍ୱରୂପ "ସତେନା କଣ", "ମୁଁ ଭାବୁଛି", "ମୁଁ ଜାଣେ", "ଇତ୍ୟବସରେ", "ମନେହୁଏ", ବାସ୍ତବରେ", ଅନୁବାଦ କରିବାବେଳେ ମର୍ମାନୁବାଦର ମହତ୍ତ୍ୱ ମଧ୍ୟ କେତେକାଂଶ ଦେଖାଯାଏ। ଉପନ୍ୟାସ ଓ କ୍ଷୁଦ୍ରଗଳ୍ପମାନଙ୍କରେ ନାଟକୀୟ କଥୋପକଥନଗୁଡ଼ିକ ଓଡ଼ିଆରେ ଅର୍ଥ ପୂର୍ଣ୍ଣ ହୋଇଥାଇପାରେ। କିନ୍ତୁ ପୂର୍ଣ୍ଣ ଇଂରାଜୀ ଅନୁବାଦରେ ଏତେଟା ପ୍ରଭାବ ହୋଇ ନପାରେ। ଉଦାହରଣ ସ୍ୱରୂପ -

"- ଆଜ୍ଞା ଅସୁବିଧା ମୋର ନାହିଁ ।

- ଅର୍ଥାତ୍ ?

- ଅସୁବିଧା ମୋ ସାଙ୍ଗର ।

- ସେ କାହାନ୍ତି ?

- ସେ ଖଡ଼ଗପୁରରେ

- ତେବେ ଔଷଧ ଦେଇ ହବନି। ରୋଗୀଙ୍କୁ ଆସିବାକୁ ପଡ଼ିବ।

- ତା'ର ବି ସମାନ ବୟସ, ସମାନ ଅସୁବିଧା

- ଭଲ କଥା। ଜ୍ୱର କେବେଠୁ ହେଲାଣି?"("ଜାମୁକୋଳି ଗପ" - ଲଣ୍ଡନ, ଦିଲ୍ଲୀପ ବେହେରା, ପୃଷ୍ଠା-୨୪)

ସେହିପରି ଭାବେ ଲେଖାଗୁଡ଼ିକରେ ବ୍ୟବହୃତ ଢଗଢ଼ମାଳି ଏବଂ ଆଞ୍ଚଳିକ କଥୋପକଥନରେ ବ୍ୟବହୃତ ଶବ୍ଦ ବା ବାକ୍ୟର ଇଂରାଜୀ ଅନୁବାଦ ହୋଇପାରି ନଥାଏ। ଏ କ୍ଷେତ୍ରରେ ସମାନ୍ତରାଳ ଅର୍ଥ ଅନୁରୂପ ଇଂରାଜୀ ଶବ୍ଦ ବା ବାକ୍ୟ ବ୍ୟବହାର କରାଯାଇଥାଏ। ଉଦାହରଣ ସ୍ୱରୂପ "ମଲାମଲା, ଇଏକି ଅଲକ୍ଷଣା କଥାଗୁଡ଼ାକଲୋ ମା ଏ କାନ କିକଥା ନ ଶୁଣିଲା ଆଜି। ଦୁନିଆ ଯାକ ଦେଖ, କଇଁଛ କାଢ଼ିଛି ବେକ।"

କେବଳ ସେତିକି ନୁହେଁ, ମୂଳ ଲେଖକ ଲେଖିକାମାନଙ୍କ ଲେଖାର ଭିତ୍ତିଭୂମି ଏକ ସାମାଜିକ, ଦାର୍ଶନିକ କିମ୍ବା ସାହିତ୍ୟିକ ତତ୍ତ୍ୱ ବା ଅବଧାରଣା ଉପରେ ପର୍ଯ୍ୟବେଶିତ ହୋଇଥାଏ। ଲେଖକ ଓ ଲେଖିକା ସାମାଜିକ ସମସ୍ୟା, ନାରୀବାଦ, ଉତ୍ତର ଉପନିବେଶ, ସମସାମୟିକ ସମସ୍ୟା, ମାର୍କସବାଦ, ବିଭିନ୍ନ ମନୋବିଜ୍ଞାନ ସମ୍ପର୍କିତ ପ୍ରୟୋଗାତ୍ମକ ଚିନ୍ତାଧାରା, ଅସ୍ତିତ୍ୱବାଦ ଭଳି ଭାବଧାରା ଉପରେ ପର୍ଯ୍ୟବେଷିତ ହୋଇପାରେ। ତେବେ ଅନୁବାଦକ ଏହି ଭାବଧାରାକୁ ଠିକ୍ ଭାବେ ବୁଝି ଅନୁବାଦିତ ଲେଖାଟିରେ ସେ ଭାବଧାରାକୁ ସଠିକ୍ ଭାବେ ପ୍ରତିଫଳିତ କରିବା ଆବଶ୍ୟକ। ଅନୁବାଦ କରିବା ବେଳେ ଶବ୍ଦ ସମ୍ପର୍କିତ ବହୁ ସମସ୍ୟା ଦେଖାଦେଇଥାଏ। ଯେପରିକି ଏକ ଲେଖାରେ ଯଦି - 'ଦଶଦିଗପାଳ', 'ଅଭିମାନ', 'ଘୋଷଯାତ୍ରା', 'ଚଣ୍ଡୀଚାମୁଣ୍ଡା', 'ଝୋଟିଚିତା', 'ଚାରୁତରଙ୍ଗିତ', 'ଆପନୋଦିତ', 'ପ୍ରସାଦ', 'ମଦାଳସା', 'ଷଠିଘର', 'ଅନ୍ତୁଡ଼ିଶାଳ', 'ଫଟାକପାଳ', 'ପେଜୁଆ ଦିଶିବା', 'ନାନାବାୟାଗୀତ', 'ଘୁଗୁନି', 'ମନଉଣା କରିବା', 'ସାତ ସମୁଦ୍ର ତେର ନଈ', 'ବନ୍ଦେଇବା', 'କୁନ୍ଥାଇବା', 'ପୋଇଘାଣ୍ଟ', 'ଛୁଙ୍କ', 'ଛାଟିପିଟି ହେବା', 'ହସିହସି ବେଦମ୍ ହେବା', 'ଆମ୍ବୁଲ', 'ବାକର', 'ଚକୁଳି ପିଠା', 'ମୁଖାଗ୍ନି, 'ଉତ୍ତରିତ' ପ୍ରଭୃତି ଭଳି ଶହ ଶହ ଓଡ଼ିଆ ଶବ୍ଦ ଅଛି ଯାହାରକି ଇଂରାଜୀ ଶବ୍ଦ ପାଇବା ଏତେ ସହଜ ନୁହେଁ। ତେବେ ଏ କ୍ଷେତ୍ରରେ ଅଧିକରୁ ଅଧିକ ଆଭିଧାନିକ ଗବେଷଣା ନିହାତି ଦରକାର। ଠିକ୍ ସେହିଭଳିଭାବେ ସାହିତ୍ୟିକ ଲେଖାଗୁଡ଼ିକରେ ଶବ୍ଦଗୁଚ୍ଛ ସଂଯୋଜନା ଏବଂ ବାକ୍ୟ ସଂରଚନାରେ ଶୈଳୀଗତ ପରିବର୍ତ୍ତନ ଦେଖାଯାଏ। କେତେକ ବାକ୍ୟରେ ପ୍ରଥମେ କ୍ରିୟା ବିଶେଷଣ ବ୍ୟବହୃତ ହୋଇପାରେ; କର୍ତ୍ତା ଓ ବିଧେୟମାନଙ୍କର ସ୍ଥାନ ପରିବର୍ତ୍ତନ ହୋଇପାରେ। ବାକ୍ୟର ପ୍ରତିରପି ସର୍ବନାମ କିମ୍ବା ସ୍ଥାନସୂଚକ କ୍ରିୟା ବିଶେଷଣ ଏକ ପରିବର୍ତ୍ତିତ ସ୍ଥାନରେ ଥାଇପାରେ। ସବୁଠାରୁ ମୁଖ୍ୟ ଆକର୍ଷଣ ହେଲା ବାକ୍ୟଗୁଡ଼ିକରେ ଧ୍ୱନି ଜନିତ ସସ୍ୱର ପଠନ ଦ୍ୱାରା ସ୍ୱର ସୌନ୍ଦର୍ଯ୍ୟ ସୃଷ୍ଟି ହୋଇଥାଏ। ଅନୁବାଦ କଲେ ଓଡ଼ିଆରୁ ଇଂରାଜୀକୁ କିମ୍ବା ଇଂରାଜୀରୁ ଓଡ଼ିଆକୁ ସସ୍ୱର ଗଠନ ଜନିତ ସୌନ୍ଦର୍ଯ୍ୟ ସଠିକ୍ ଭାବେ ଅନୁଦିତ ହୋଇନଥାଏ।

ଓଡ଼ିଆ ବାକ୍ୟ ଏହି ପରିପ୍ରେକ୍ଷୀରେ ଉଦାହରଣ ସ୍ୱରୂପ ନିଆଯାଇପାରେ। "କର୍ପୂର ଉଡ଼ିଯାଇଥିଲା, କନା ଖଣ୍ଡିକ ଖାଲି ପଡ଼ିରହିଲା", "ସମ୍ପର୍କମାନେ ହିଁ ସମ୍ପର୍କ", "ମତେ ଦେ ମୃତ୍ୟୁ ସଂଜୀବନୀ ସୁରା", "ଏକ ଅଦ୍ଭୁତ ସରୀସୃପୀୟ ତୀବ୍ରତାରେ ଭିଡ଼ି - ମୋଡ଼ି ହେଲା", "ଏକ ଅନନୁଭୂତ ଆନନ୍ଦ ତାଙ୍କ ଶରୀରରେ ଖେଳଉଥାଏ ଜ୍ୟୋତିର ଝଲକା", "ପ୍ରତିଭା ନା ଛେନାଗୁଡ଼ ଅଛି", "ଭୂତ ସବାର ହୋଇ ତା'ର ହିକା ଉଠିଛି", "ଆହେ ଦୟାମୟ ବିଶ୍ୱ ବିହାରୀ", "କଳଙ୍କ ରହିତ ଶରଦ ପୂର୍ଣ୍ଣ କଳାକାର ତୃସ୍ଣର ପର୍ଯ୍ୟୁସିତ ଏକ ବ୍ୟକ୍ତି", "ଶିକ୍ଷାଦାନରେ ଓଁକାର", "ମାତ୍ର ଚିତା ପଟାପଟା କାଟି, ତ୍ରିକଚ୍ଛା ପରିଧାନ କଲେ ବ୍ରାହ୍ମଣ ହୋଇନପାରେ", "ଏ ପୋଡ଼ା ଅଙ୍ଗାରର ବା କିଏ ହିସାବ ରଖୁଛି?", "ତେବେ ସେ ହମ୍ପୁଡ଼ି ଚାଲିଲେ କିପରି ଦିଶନ୍ତା?", ଏହି ଭଳି ଭାବେ ଶହ ଶହ ସଂଖ୍ୟାରେ ବାକ୍ୟ ଅଛି ଯେଉଁଥିରେ କି ଶବ୍ଦ ସାଧନର ସ୍ୱାତନ୍ତ୍ର୍ୟ ଏବଂ ସାଂସ୍କୃତିକ ନମୁନା ରୂପକ ସବୁ ନିହିତ ରହିଛି ଯେଉଁଗୁଡ଼ିକ ଅନୁବାଦ କରିବା କଠିନତର ଅଟେ। ତେବେ ଏହି ସବୁକୁ ଅନୁବାଦ କରିବାର କଳାର ଚମତ୍କାରିତା ହାସଲ ନକଲେ ଇଂରାଜୀ ଭାଷାର ବାକ୍ୟଗୁଡ଼ିକର ଏହାର ପ୍ରକୃତ ଅର୍ଥ ହରାଇ ବସିବ। ଏତଦବ୍ୟତୀତ କେତେକ ସାହିତ୍ୟିକ ଲେଖା ଓଡ଼ିଆରୁ ଇଂରାଜୀ କିମ୍ବା ଇଂରାଜୀରୁ ଓଡ଼ିଆ କରିବା ବେଳେ ସ୍ଥାନୀୟକରଣ କରିବାର ଆବଶ୍ୟକତା ଦେଖାଦେଇଥାଏ। ଏହି କ୍ଷେତ୍ରରେ ଓଡ଼ିଆରୁ ଇଂରାଜୀକୁ ଅନୁବାଦ କରିଥିବା ବ୍ୟକ୍ତି ଜଣକ ଇଂରେଜ ସଭ୍ୟତା, ସଂସ୍କୃତି ଏବଂ ପରିପାଟି ସଂପର୍କରେ ଠିକ୍ ଭାବେ ଅବଗତ ହେବା ଦରକାର। କେବେଳ ସେତିକି ନୁହେଁ, ଜଣେ ଅନୁବାଦକ ବିଭିନ୍ନ ପରିପ୍ରେକ୍ଷୀରେ ଅନୁସୃଜନ ପଦ୍ଧତି ମଧ୍ୟ ଅନୁସରଣ କରିଥାଏ। ଏହି କଳାର ପ୍ରୟୋଗ ଫଳରେ ମୂଳ ଲେଖାର କ୍ଷେତ୍ରାଂଶରେ ପରିବର୍ତ୍ତନ ଏବଂ ପରିବର୍ଦ୍ଧନ ମଧ୍ୟ ହୋଇଥାଏ। ଅନୁବାଦିତ ଲେଖାଟିରେ ଅନ୍ତଃକ୍ରିୟା ଏବଂ ଭାଷା ଓ ଭାବ ଜନିତ ଲେଖକ - ପାଠକ ସମ୍ପର୍କରେ ଦ୍ୱନ୍ଦ ସୃଷ୍ଟି ହେବା ଅବିଧେୟ।

ଇଂରାଜୀରେ ହେଉ ବା ଓଡ଼ିଆରେ ହେଉ, ଲେଖକ ଲେଖିବାବେଳେ ବିଭିନ୍ନ ବର୍ଗର ଚରିତ୍ରମାନଙ୍କୁ ନେଇ ଲେଖାଗୁଡ଼ିକ ରଚନା କରିଥାନ୍ତି। ସେ ଚରିତ୍ରମାନେ ବିଭିନ୍ନ ବୟସ ବର୍ଗର, ବିଭିନ୍ନ ଜାତି, ସଂସ୍କୃତି ଓ ଶିକ୍ଷାଗତ ଯୋଗ୍ୟତା ସଂପନ୍ନ ତଥା ବିଭିନ୍ନ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣକୁ ପରିସ୍ଫୁଟନ କରୁଥାନ୍ତି। ଲେଖକ ସେହି ଅନୁସାରେ ସେମାନଙ୍କ ଭାଷାଶୈଳୀକୁ ଲେଖାରେ ପ୍ରତିଫଳନ କରିଥାନ୍ତି। ତେବେ ପୃଷ୍ଠଭୂମି ଏବଂ ଲେଖାର ପ୍ରକାରଭେଦ ଅନୁସାରେ ଲେଖକ ଗ୍ରାମୀଣ ଭାଷା, ଆଞ୍ଚଳିକ ଭାଷା, ସହରୀ ଭାଷା ଏପରିକି ପାଗଳ ଏବଂ କ୍ଲିବ ଲିଙ୍ଗ/ transgender/ effeminate ଭାଷା ମଧ୍ୟ ବ୍ୟବହାର କରିଥାନ୍ତି। ମନସ୍ତାତ୍ତ୍ୱିକ ଭାଷାବିଜ୍ଞାନ ଅନୁସାରେ କେତେକ ବାକ୍ୟ କିମ୍ବା ବାକ୍ୟ ଖଣ୍ଡଗୁଡ଼ିକରେ ଅନ୍ତଃ ସଂରଚନା ଏବଂ ବାହ୍ୟ ସଂରଚନା ମଧ୍ୟରେ ଅର୍ଥଗତ ଏବଂ ସଂରଚନାଗତ ତାଳ ମେଳ ନଥାଇପାରେ। ଉଦାହରଣ ସ୍ୱରୂପ "ମାରି ଦେଲାରେ ସେ।" ଏହାର ଅର୍ଥ 'ଠକି ଦେବା', 'ହଇରାଣ କରିବା', 'ସତରେ ଜୀବନରେ ମାରିଦେଲା', ଭଳି କିଛି ଅର୍ଥ ହୋଇପାରେ। 'ତୁମେ କିଏ କି?' ଏକ ପ୍ରଶ୍ନ ନୁହେଁ ବରଂ ଜଣେ ଖୁସି ହୋଇ କହିଥାଇପାରେ। 'ମୁଁ ଆଶଙ୍କିତ ଏବଂ ଆତଙ୍କିତ!'ର ବାକ୍ୟ ସଂରଚନା ଏକ ନିଶ୍ଚୟାତ୍ମକ/ ସ୍ୱୀକାରାତ୍ମକ ବାକ୍ୟ ହୋଇପାରେ। 'କିଏ କ'ଣ କଲା, ସେଥିରେ ମୋର କ'ଣ ଗଲା?'ର ବାକ୍ୟ ସଂରଚନାରେ 'wh - movement' ହୋଇପାରେ।

ଲେଖାଯାଇଥିବା ବାକ୍ୟଗୁଡ଼ିକର ବିଭିନ୍ନ ଉଦ୍ଦେଶ୍ୟମୂଳକ ପ୍ରୟୋଗ ହୋଇଥାଏ। କେତେବେଳେ ବାକ୍ୟଗୁଡ଼ିକ ସୂଚନାଧର୍ମୀ ତ କେତେବେଳେ ଭାବପ୍ରବଣତା; କେତେବେଳେ ଲେଖାରେ ବ୍ୟବହୃତ ମାର୍ମିକ ଅର୍ଥକୁ ସରଳ ଭାବରେ ବୁଝାଇଥାଏ। କାରକ, ବିଭକ୍ତି, ସମାସ ପରିବର୍ତ୍ତନ ଜନିତ ବ୍ୟାକରଣଗତ ଅର୍ଥ ପରିବର୍ତ୍ତନ ଯୁକ୍ତିତର୍କ କିମ୍ବା କୁଟିଳ ଦ୍ୱଅର୍ଥବୋଧକ ବାକ୍ୟ ହୋଇପାରେ।

ଲେଖାଗୁଡ଼ିକରେ ସହବିନ୍ୟାସ ଏବଂ ଯୁଗ୍ମ ଶବ୍ଦ ବ୍ୟବହାର ଏକ ସାଧାରଣ କଥା। ଏହା ପ୍ରତ୍ୟେକ ଭାଷାରେ ଥାଏ। ଉଦାହରଣ ସ୍ୱରୂପ ଓଡ଼ିଆରେ ଯୋଡ଼ିଯାଉଳି, ଗହନକଥା, କାଳିଆଭୁଆ, ନୀଳକୁନ୍ତିକା, ଝାଙ୍କ ଛଡେଇବା, ଅଣ୍ଡିରାଚଣ୍ଡୀ, ଖଣ୍ଡାଖର୍ପର, ଅମୃତ ବେହିଆ, ଉହ୍ଲେଇବା ଭଳି, ଧିମାଆଞ୍ଜ, ସାଲୁକନା, ଗେନ୍ଧାଗୁଡା, ଠିଆଗୋଇଠା, ମୁଚୁକୁନ୍ଧିଆ ହସ, ନାକ କାନ୍ଦୁରୀ, ଗୋଗଛାବାଡ଼ିଆ, ଛତରଖିଆ, ଦାଦାବଟି, ଖମ୍ବଆଳୁ ବୁଝାବଣା, କୁତୁର କାଳିଆ, ଯାନିଯାତରା, ପ୍ରଭୃତି। ସେହିପରି ଇଂରାଜୀରେ ଶବ୍ଦ ପୁନରାବୃତ୍ତି ବା ଧ୍ୱନ୍ୟାତ୍ମକ ଶବ୍ଦ ମଧ୍ୟ ଏକ ସହବିନ୍ୟାସ ପ୍ରଣାଳୀରେ ହୋଇଥାଏ। ଯେପରିକି itsy-bitsy, hockey-pockey, razzle-dazzle, wishy-wasry ପ୍ରଭୃତି ଯାହାରକି ଓଡ଼ିଆ ଅନୁବାଦ ପ୍ରାୟତଃ ନଥାଏ। ଏହାକୁ ଲେଖାର ପରିପ୍ରେକ୍ଷୀ ଅର୍ଥ ଦେଖି ଶବ୍ଦ ସଂଯୋଜନା କରିବାକୁ ହୁଏ। ଓଡ଼ିଆ ଭାଷାରେ ମଧ୍ୟ ସେହିଭଳି ପୋଡ଼ାପୋଡ଼ି, କୋଡ଼ାକୋଡ଼ି, ଘଞ୍ଚଘଞ୍ଚି, ଠୁଣ୍ଠୁଣିଆ, ଦଳଦଳ, କଥାନଥା, ଅଣ୍ଡାବଚା, ଗୁଆଗଣ୍ଡା, ଘିସାପିଟା, ଇତ୍ୟାଦି।

ଶ୍ରୀ ଗଣେଶ୍ୱର ମିଶ୍ର, ଶ୍ରୀ ଅନନ୍ତ ଚରଣ ଶୁକ୍ଲ, ଶ୍ରୀ ଦାମୋଦର ମିଶ୍ର, ଶ୍ରୀ ଗୁରୁପ୍ରସାଦ ମହାନ୍ତି, ଜ୍ଞାନେନ୍ଦ୍ର ବର୍ମା, ଶ୍ରୀ ମଧୁସୂଦନ ପତି, ଶ୍ରୀ ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ଶ୍ରୀ ଚିତ୍ତରଞ୍ଜନ ମିଶ୍ର ଏବଂ ଶ୍ରୀମତୀ ଶକୁନ୍ତଳା ବଳିଆରସିଂଙ୍କ ଭଳି କେତେକ ଗଭୀର ସାହିତ୍ୟାନୁରାଗୀ ଏବଂ ଓଡ଼ିଆ ସାହିତ୍ୟ ଜଗତର ଜଣାଶୁଣା ବ୍ୟକ୍ତିତ୍ୱ କେତେଗୁଡ଼ିଏ ଉପାଦେୟ ଇଂରାଜୀ କବିତା/ ଉପନ୍ୟାସ/ ଗଳ୍ପ ପ୍ରଭୃତିକୁ ଓଡ଼ିଆରେ ଅନୁବାଦ କରିଛନ୍ତି। ଏହା ବସ୍ତୁତଃ ଏକ କଠିନ କାର୍ଯ୍ୟ କାରଣ ଭାଷାର ଲାଳିତ୍ୟ ଏବଂ ସ୍ୱାତନ୍ତ୍ର୍ୟ, ସଂସ୍କୃତିର ପ୍ରଭାବ ଏବଂ ବିଷୟ ବସ୍ତୁରେ ପ୍ରକଟିତ ଭାବ ସବୁକୁ ଓଡ଼ିଆ ଭାଷାରେ ବୁଝିବା ଭଳି ଅର୍ଥଗତ ଅନୁବାଦ କରିବା ସ୍ଥାନ ବିଶେଷରେ ମର୍ମାନୁବାଦ, ସାରାଂଶନୁବାଦ ଓ ସଂକ୍ଷିପ୍ତ ବ୍ୟାଖ୍ୟାନୁବାଦ ଭଳି କୌଶଳ ଅବଲମ୍ବନ କରିବା କିଛି ସହଜ କାର୍ଯ୍ୟ ନୁହେଁ।

**ଉପସଂହାର**: ଅନୁବାଦ କଳାର ପୃଷ୍ଠଭୂମି ସହିତ ତୁଳନାତ୍ମକ ସାହିତ୍ୟର ଆପେ ଆପେ ପ୍ରଭାବ ପଡ଼ିଥାଏ। ଅନୁବାଦକ ସାହିତ୍ୟିକ ଲେଖାଗୁଡ଼ିକ ଓଡ଼ିଆରୁ ଇଂରାଜୀକୁ କିମ୍ବା ଇଂରାଜୀରୁ ଓଡ଼ିଆକୁ ଅନୁବାଦ କରିବା ବେଳେ ନିଜର ଭାଷା ଓ ସାହିତ୍ୟ ଜ୍ଞାନ ସହ ଓଡ଼ିଆ ଭାଷା ଓ ସାହିତ୍ୟ ଏବଂ ଇଂରାଜୀ ଭାଷା ସାହିତ୍ୟର ପରିପ୍ରେକ୍ଷୀ ସହ ଅହରହ ଅବଚେତନରେ ସମୀକ୍ଷା କରୁଥାଏ। ଫଳତଃ ଅନୁବାଦକର ମନରେ ଅନୁବାଦ କରିବା ବେଳେ ବିଷୟବସ୍ତୁ, ଚରିତ୍ର, ଲେଖକ ଏବଂ ଲକ୍ଷ୍ୟରେ ରହିଥିବା ପାଠକମାନଙ୍କ ସହିତ ଅଦୃଶ୍ୟ ବାର୍ତ୍ତାଳାପରେ ବ୍ୟସ୍ତ ଥାଏ (Mikhail Bakhtin's Dialogic Imagination) ଲେଖାଗୁଡ଼ିକରେ ଥିବା ଆବର୍ତ୍ତି, ସଂକେତଧର୍ମୀ ସାମାଜିକ, ସାଂସ୍କୃତିକ ଏବଂ ଜୀବନ ଦର୍ଶନର ଚିତ୍ରଗୁଡ଼ିକ ଅନେକାର୍ଥ ହୋଇପାରେ କିମ୍ବା ଅସ୍ପଷ୍ଟ ରୂପ ମଧ୍ୟ ନେଇପାରେ। ଅତଏବ ସାହିତ୍ୟିକ ଲେଖାଗୁଡ଼ିକର ଅନୁବାଦ କରିବା ପୂର୍ବରୁ ଏହି ସବୁ ବିଷୟବସ୍ତୁକୁ ବିଚାରକୁ ନିଆଯାଇ ଅନୁବାଦ କଲେ ବୋଧହୁଏ ଅନୁବାଦର ବିଶ୍ୱସ୍ତତା, ମୂଲ୍ୟବୋଧ, ସାମାଜିକ ଏବଂ ପାଠକୀୟ ଉପଯୋଗିତା, ସାଂସ୍କୃତିକ ସ୍ଥାନାନ୍ତରଣ ଓ ଶୈଳୀଗତ ଉତ୍କୃଷ୍ଟତା ହାସଲ କରିହେବ। ଅନୁବାଦକମାନଙ୍କର ଉଭୟ ଇଂରାଜୀ ଓ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଭାଷାବିଜ୍ଞାନ ଜନିତ ଯଥେଷ୍ଟ ଜ୍ଞାନ ନଥାଇ ଏବଂ ଲେଖାଗୁଡ଼ିକର କଳାତ୍ମକ ଦୃଷ୍ଟିକୋଣ ଏବଂ ପାଠକୀୟତା ବିଷୟରେ ଧାରଣା ନଥାଇ ଅନୁବାଦ କଲେ ସେଭଳି ଅନୁବାଦକୁ ଏକ ଅଣକୁଶଳୀ କାର୍ଯ୍ୟ ବୋଲି ବିବେଚନା କରାଯାଇପାରେ ।

ସହାୟକ ଗ୍ରନ୍ଥସୂଚୀ :


୧. Panda, A.K, 2015, "Translation in Odia: A Historical survey," Translation Today.

୨. ପାଣ୍ଡବ, ଶତ୍ରୁଘ୍ନ। ୨୦୧୧। ପାଣି ଓ ଅନ୍ୟାନ୍ୟ କବିତା। କଟକ : ଅଗ୍ରଦୂତ।

୩. ପାଳ, ପଦ୍ମଜା। ୧୯୯୫। ପାପ ପରି ନିଜର, କଟକ: ଅଗ୍ରଦୂତ।

୪. ବେହେରା, ଦିଲ୍ଲୀପ। ୨୦୧୧। ଜାମୁକୋଳି ଗପ, ଲଣ୍ଡନ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନସ।

୫. ମେହେର, ଗଙ୍ଗାଧର। ୧୯୨୧। ତପସ୍ୱିନୀ, ଗଙ୍ଗାଧର ଗ୍ରନ୍ଥାବଳୀ। କଟକ: ଦାସ ବ୍ରଦର୍ସ।

୬. ରାଉତରାୟ, ସଚ୍ଚିଦାନନ୍ଦ। ୧୯୪୫। ମଶାଣିର ଫୁଲ। କଟକ: ଗ୍ରନ୍ଥମନ୍ଦିର।

୭. ସରାଫ୍, ଗାୟତ୍ରୀ। ୨୦୨୦। ପଣତ କାନିରେ ଘର। ଭୁବନେଶ୍ୱର: ବ୍ଲାକ୍ ଇଗଲ ବୁକ୍ସ।



## Funding

No funding was received for conducting this study.

## Does this article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this article.


## About the Licenses


© Dr. Pratapa Kumara Dash 2024. The text of this article is open access and licensed under a Creative Commons Attribution 4.0 International License


## Cite this Article :


Dr. Pratapa Kumara Dash, Odia - English Sahityika Lekhaa Sabura Anubada : Eka Pryogika Bhasabigyana Bislesana, Bageesha, Vol. No. 02, Issue No. 06, November - December 2024, Article No: BM2024/06-A001 | Page- 8-13